**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 May – 2025**

## ପି.ଏମ୍. - ଅମୃତ ଷ୍ଟେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍‌ର ଲୋକାର୍ପଣ କରିବେ। ୨୦୨୨ ମସିହା ଡିସେମ୍ବରରେ ଏହି ଅମୃତ ଭାରତ ଷ୍ଟେସନ୍ ଯୋଜନାର ଶୁଭାରମ୍ଭ ହୋଇଥିଲା। ଦେଶର ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ରେଳଷ୍ଟେସନକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ମୁଖ୍ୟମନ୍ତ୍ରୀ-ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଯାଜପୁର ଜିଲ୍ଲାର କଳିଙ୍ଗ ନଗରଠାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାଦ୍ୱାରା ୧ଲକ୍ଷ ୧୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୩୫ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ମୁଖ୍ୟମନ୍ତ୍ରୀ-ବାସଗୃହ

ବସ୍ତି ବାସିନ୍ଦାଙ୍କୁ ବାସଗୃହ ସହିତ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ବସ୍ତି ଅଞ୍ଚଳ ଗୁଡ଼ିକରେ ଆଦର୍ଶ ଆବାସିକ ଅଞ୍ଚଳ ସ୍ଥାପନ କରିବାଦିଗରେ କାର୍ଯ୍ୟ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀ-ଉଦ୍‌ଘାଟନ

ସାଇବର ଅପରାଧର ମୁକାବିଲା ପାଇଁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି । ଏଥିପାଇଁ ସବୁ ଜିଲ୍ଲାରେ ସାଇବର ପୁଲିସ ଥାନା ପ୍ରତିଷ୍ଠା ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପକରଣ ଆଦି ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର ୧୭ତମ ସ୍ଥାପନା ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ବର୍ତ୍ତମାନ ସ୍ମାର୍ଟ ପୋଲିସିଂ ଉପରେ ଗୁରୁତ୍ୱ ଦେଇ ସ୍ମାର୍ଟ ପୋଲିସ ଗଠନର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧୨ଟି ନବନିର୍ମିତ ପୁଲିସ କ୍ୱାର୍ଟରକୁ ଉଦ୍‌ଘାଟନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ-ଲେକ୍ ଅଞ୍ଚଳ

ଭୁବନେଶ୍ୱର ଲେକ୍ ଅଞ୍ଚଳକୁ ବିଶ୍ୱସ୍ତରୀୟ ଆକର୍ଷଣୀୟ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଲେକ୍ ଅଞ୍ଚଳର ବିକାଶ ହେଲେ ଏହା ଏକ ଆଧୁନିକ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଣତ ହୋଇପାରିବ । ସୂଚନା ଅନୁସାରେ ପ୍ରାଥମିକ ସ୍ତରରେ ନିକୋ ପାର୍କ ଅଞ୍ଚଳର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ।

## ଉପମୁଖ୍ୟମନ୍ତ୍ରୀ-ଭୁଟାନ

ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଦାଦନ ଶ୍ରମିକ ବିସ୍ଥାପନ ପାଇଁ ଗଠିତ ଟାସ୍କଫୋର୍ସ ଅଧ୍ୟକ୍ଷ କନକ ବର୍ଦ୍ଧନ ସିଂହଦେଓ ଭାରତ ପକ୍ଷରୁ ଦକ୍ଷିଣ ଏସିଆ ଲେବର ମୋବିଲିଟି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହଦେଓ ବିସ୍ଥାପିତ ପ୍ରବାସୀ ଶ୍ରମିକ ମାନଙ୍କ ସମସ୍ୟା ତଥା ଏହାର ନିରାକରଣ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଶ୍ୱବ୍ୟାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଭୁଟାନର ଥିମ୍ପୁଠାରେ ବିଶ୍ୱବ୍ୟାଙ୍କ ଓ ଭୁଟାନ ରାଜସରକାରଙ୍କ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଶ୍ରୀ ସିଂହଦେଓ ଭୁଟାନର ପ୍ରଧାନମନ୍ତ୍ରୀଙ୍କ ସହ ଦୁଇଦେଶ ମଧ୍ୟରେ ସହଭାଗିତା ନେଇ ଆଲୋଚନା କରିଥିଲେ ।

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଆଗାମୀ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ରୀତିନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି । ନୀଳାଦ୍ରୀ ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି । ଜୁନ୍ ୨୭ ତାରିଖ ରଥଯାତ୍ରା ଦିନ ସକାଳ ୬ଟାରେ ମଙ୍ଗଳଆଳତୀ ନୀତି ଅନୁଷ୍ଠିତ ହେବ । ସକାଳ ୯ଟା ସୁଦ୍ଧା ରଥ ପ୍ରତିଷ୍ଠା ନୀତି କରାଯାଇ ୯ଟା ୩୦ ମିନିଟ୍‌ରେ ପହଣ୍ଡି ଆରମ୍ଭ ହେବ। ଜୁଲାଇ ୬ ତାରିଖ ଦିନ ମହାପ୍ରଭୁଙ୍କ ସୁନାବେଶ ସଂଧ୍ୟା ୫ଟାରୁ ୬ଟା ୩୦ ମଧ୍ୟରେ କରାଯିବା ନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି ।

# ଅମିତାଭ କାନ୍ତ-ଅଭୟାରଣ୍ୟ ପରିଦର୍ଶନ

ଭାରତର ଜି-୨୦ ସେର୍‌ପା ଅମିତାଭ କାନ୍ତ ସମ୍ବଲପୁରସ୍ଥିତ ଦେବ୍ରୀଗଡ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । ଏହି ସମୟରେ ସେ ଦେବ୍ରୀଗଡ ଇକୋ ଟୁରିଜିମ୍‌କୁ ଦେଶର ସର୍ବୋତ୍ତମ ଇକୋ ଟୁରିଜିମ୍ ଗନ୍ତବ୍ୟସ୍ଥଳ ଭାବରେ ପ୍ରଶଂସା କରିଛନ୍ତି । ସୂଚନା ଅନୁସାରେ ଦେବ୍ରୀଗଡଠାରେ ଜଙ୍ଗଲ ଉପରେ ନିର୍ଭରଶୀଳ ୮୫ଟି ପରିବାର ବିଭିନ୍ନ ଇକୋ ଟୁରିଜିମ୍ କାର୍ଯ୍ୟକଳାପରୁ ଜୀବିକା ଅର୍ଜନ କରୁଛନ୍ତି ।

# ଓଡ଼ିଶା ସୂଚନା କମିଶନ

ଆଗାମୀ ଗ୍ରୀଷ୍ମକାଳୀନ ଅବକାସ ସମୟରେ ଓଡ଼ିଶା ସୂଚନା କମିଶନରେ ମାମଲାଗୁଡ଼ିକର ଶୁଣାଣି ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି । ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ସୂଚନା ଦେଇଛନ୍ତି । ଗତ କିଛିବିର୍ଷ ଧରି ୨୦ହଜାରରୁ ଊର୍ଦ୍ଧ୍ୱ ମାମଲା ଚୂଡାନ୍ତ ଶୁଣାଣି ପାଇଁ ବିଚାରାଧୀନ ରହିଛି । ଗ୍ରୀଷ୍ମ ଅବକାଶ ହେଲେ ଶୁଣାଣିରେ ଆହୁରି ବିଳମ୍ବ ହେବ ବୋଲି ଶ୍ରୀ ପରିଡ଼ା କହିଛନ୍ତି ।

# ଜୈବ ବିବିଧତା ଦିବସ

ପ୍ରାକୃତିକ ବିପଯର୍ଯ୍ୟୟ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣିଖନନ, ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ହେଉଥିବା ଜଙ୍ଗଲର ବିନାଶ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱରେ ଆଜି ଜୈବ ବିବିଧତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱ ଜୈବ ବିବିଧତା ଦିବସର ବାର୍ତ୍ତା ରହିଛି 'ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ପ୍ରକୃତି ସହ ସମନ୍ୱୟ ବଜାୟ ରଖିବା' । ମିଳିତ ଜାତିସଂଘ ପକ୍ଷରୁ ୨୦୦୬ମସିହାରୁ ଆଜିର ଦିନକୁ ଆନ୍ତର୍ଜାତିୟ ଜୈବ ବିବିଧତା ଦିବସଭାବେ ପାଳନ କରାଯାଉଛି। ଜୀବଜଗତକୁ ଅକ୍ଷୁର୍ଣ୍ଣ ରଖିବାର ଆବଶ୍ୟକ, ଏହାର ସଂରକ୍ଷଣ ଏବଂ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

# ପାଣିପାଗ

କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ସମ୍ବଲପୁର ଓ ବୌଦ୍ଧ ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ ହୋଇଥିଲା । ଅପରପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୦ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।